# संगिनी

**SANGINEE :** *Smile.. Stride.. Scintillate..*

**Nalco Mahila Samiti**
**Quarterly Magazine**
**October-December, 2018**







# From the Editor's Pen

*Amid the din and strife of men*
*The call Divine I hear again;*
*Its telling is of things apart;*
*Above the tumult of the heart*
*High o'er where sin's dark pathways wind*
*Waits the wise willing of the mind;*
*Beyond strong Passion's guarded Gates,*
*There Peace awaits – there Peace awaits*
*And awaits goodness in the form of divinity.*



Editor in Chief
**Preeti Roy Chand**

*When Autumn unveils the blue sky removing the black patches of still grey clouds the white autumn flowers sing the song of divinity. The gentle north wind whispers "Mother" is ascending from her heavenly abode to vanquishevil and restore good. Ma "Durga" is a symbol…….. symbol of infinitive power and absolute goodness. The pages of "Sanginee" thus focus on absolute power of goodness and feminine power. It is aptly quoted by Oliver Wendell, "What lies behind us and what lies before us are tiny matters compared to what lies within us."NALCO MAHILA SAMITIpassionately follows this. Because among the great principles that make life worthwhile is the anticipation of a good outcome ---- in fact the vital principle of creative living. Thus "Sanginee"s creative parlour breathes the air of purity, goodness, integrity and inner strength of humanity, especially of women through the articles based on Swachhata Hi Seva, Navaratri, Dusshera, Deepavali and Basic Human Values. Accolades to the writers who have contributed beautifully scripted articles, poems and stories with simplicity as a hallmark at one side and splendid thoughts on the other. The Editorial Board is looking forward to more and more contribution to add feathers to its hat.*

*NALCO MAHILA SAMITI is vibrant in sending Awareness messages to the society through various activities with its prime Mantra "Your passion to serve the society can transform the future of many." The members' visit to "Ashra" the Home for mentally challenged girls and ladies is a life time lesson which has motivated the members to visit again and again and spend quality time with them. The ladies at Damanjodi and Angul too are beating the magic drum of philanthropy through their yeoman service to the society.*

*Sanginee wishes its readers "Happy Deepavali"Let there be light. To bring light to life let all womenfolk sing…..*

*Where do we have to go,*
*Where are our limits ?*
*Come on sisters,*
*What is our Past ?*
*What are our dreams of the future ?*
*Where does our destiny lie ….*
*Move with self-confidence.*
*Let's move towards light.*

*Sincerely,*

Preeti Roy

**Preeti Roy Chand**

Editorial Board
**Poonam Thakur**
**Shagufta Jabeen**
**Debjani Mishra**

Co-ordinator
**Sabita Patnaik**

Design Concept
**Aswini Sutar**

# केवल ईश्वर, केवल ईश्वर

प्रकृति का यह अद्भुत चक्र
कैसा सिद्ध, कितना सम्पन्न
जो कुछ जन्मा इस धरती पर
सब नष्ट हुआ ही जाता है
सब विघटित हो
सड़ गल कर
मिट्टी में मिलता जाता है।
कुछ नही अमर कुछ नही अमिट
केवल ईश्वर! केवल ईश्वर!
वो कृत्रिम जो टिक जाता है,
विष छोड़ धरा को दूषित कर
जन जीवन कठिन बनाता है
इस प्लास्टिक पॉलिथीन को अब
सब अलविदा कहना चाहते हैं।
नित विज्ञापन जीवन से इनको
बाहर करने को आते हैं।
यह मृत्यु कोई अभिशाप नहीं
वरदान है यह, वरदान है यह !
मृत्यु अगर न होती तो
मनु हमारे साथ ही होते,
और आदम हव्वा तीस फुट के
कहाँ बैठते कहाँ वो सोते! ??

**इरमीन हबीब**
दामनजोड़ी



# उजाले की ओर...

मिटा दो निशा का अभी से अँधेरा।
होने लगा है उषा का सवेरा ।।

नयनों से टपके हैं सपने सजीले,
होठों से फूटे हैं नगमें लजीले।
सजा लो जिगर पर गीतों की लड़ियाँ,
दिलों में मचलते हैं अरमान हठीले ।।
जला दीप! भरेगा दिलों में उजेरा।
होने लगा है उषा का सवेरा ।।

उम्मीदें ये उनकी बनाएँगी राहें,
हैं थकती नहीं तुम्हारी ये बाहें।
बुझा दो दिलों से नफरत की ज्वाला
अपना बना लो हैं आँखों की चाहें!
चमकने लगा है अंबर का तारा।
होने लगा है उषा का सवेरा ।।
मिटा दो निशा का अभी से अँधेरा।
होने लगा है उषा का सवेरा ।।

**डॉ. विनय कुमार तिवारी**
स्नातकोत्तर शिक्षक - हिन्दी
केंद्रीय विद्यालय संख्या- ३
रेलवे कॉलोनी, प्रगति विहार मंचेश्वर,
भुवनेश्वर

# स्वच्छता

हर कोने में ढूँढ़ो, यहीं कहीं पर पड़े होंगे
रास्ते, नदी, तालाब, आकाश, खेत - खलिहान
उनकी मौजूदगी महसूस होगी।
लेकिन वो बेचारी क्या करे,
अपना अस्तित्व खोने चली।
यह इंसान बड़ी तेजी से भाग रहा,
नैनो टेक्नोलॉजी को अपना रहा।
किन्तु इस भागम-भाग में, इस चकाचौंध में
उसे रौंद के निकलने लगा।
वो देखो गाँधीजी निहार रहे हैं,
पूरे भारत का भ्रमण कर रहे हैं।
अपनी एक सौ पचासवीं सालगिरह पर,
हमसे एक उपहार माँग रहे हैं।
आइए हम हालात से बिखरी पड़ी,
अज्ञानता से रौंदी गई,
स्वच्छता का एक नया आधार बनवाएँ
बापू को एक स्वच्छ भारत, एक स्वस्थ भारत और
एक समृद्ध भारत का तोहफा दिलवाएँ।

**वि.अनुराधा**
विशाखापट्टनम

# The Green Earth

The stars shone in the night sky
The moon was looking bright and high
The birds were flying really high
The morning was pleasant with the
rubbish swayed in the cool breeze
which made me feel not at ease
so take your litter home please
the forests around are neat and clean
and so there is no pollution to be seen

Prasanni Panigrahi
Damanjodi

# स्वच्छता ही सेवा है

स्वच्छता एक ऐसा कार्य नहीं है जो पैसा कमाने के लिये किया जाए बल्कि ये एक अच्छी आदत है जिसे हमें अच्छे स्वास्थ्य और स्वस्थ जीवन के लिये अपनाना चाहिये। स्वच्छता सबसे पुण्य का कार्य है। जिसे जीवन का स्तर बढ़ाने के लिये एक बड़ी जिम्मेदारी के रूप में हर एक को अनुकरण करना चाहिये। हमें अपनी व्यक्तिगत स्वच्छता, पालतू जानवरों की स्वच्छता, पर्यावरण की स्वच्छता, अपने आस-पास की स्वच्छता, और कार्यस्थल की स्वच्छता आदि का ध्यान रखना चाहिये। हमें पेड़ों को नहीं काटना चाहिए और पर्यावरण को स्वच्छ बनाए रखने के लिये पेड़ लगाना चाहिए।

ये कोई बाध्यकारी कार्य नहीं है लेकिन हमें इसे शांतिपूर्ण तरीके से करना चाहिये। ये हमें मानसिक, शारीरिक, सामाजिक और बौद्धिक रूप से स्वस्थ रखता है। सभी के साथ मिलकर लिया गया कदम एक बड़े कदम के रूप में परिवर्तित हो सकता है। एक छोटा बच्चा सफलतापूर्वक चलना, बोलना, दौड़ना सीख सकता है और यदि अभिभावक के द्वारा इसको बढ़ावा दिया जाए तो वो बहुत आसानी से स्वच्छता की आदत को बचपन से ग्रहण कर सकता है। तर्जनी के द्वारा माता-पिता अपने बच्चे को चलना सिखाते हैं क्योंकि ये पूरे जीवन को जीने के लिये बहुत ज़रूरी है। उन्हें ज़रूर समझना चाहिये कि स्वच्छता एक स्वस्थ जीवन और लंबी आयु के लिये भी बहुत ज़रूरी होता है इसलिये उन्हें अपने बच्चों में साफ-सफाई की आदत डालनी चाहिये। अपने बच्चों में स्वच्छता को लाना एक बड़ा कदम होगा। अत:अब पूर्ण स्वच्छता हमसे बहुत दूर नहीं है। ये केवल एक पीढ़ी से ४ से ५ साल दूर है क्योंकि आधुनिक काल में हमारे छोटे बच्चे बहुत समझदार हैं सभी चीजों को समझने के लिये।

**सीमा सिंह**
अनुगूल

# ମହାମାୟାଙ୍କର ଆଗମନ

ଆକାଶରେ ଏବେ ରଙ୍ଗର ମେଳା
କିଏ ଆସେ କିଏ ଆସେ
ଧରଣୀ ବକ୍ଷେ କାଶତଣ୍ଡୀ ଫୁଲ
ଓଢଣୀ ପିନ୍ଧିଛି ସତେ ।
ମହାମାୟାଙ୍କର ଶୁଭ ଆଗମନୀ
ବାଜି ଉଠିଲାଣି ଶଙ୍ଖ ।
ଅମା ଅନ୍ଧକାର ଦୂରେଇ ଜଗତ
ହୋଇଯିବ ଆଲୋକିତ
ଅଜ୍ଞାନ ଏଇ ମନ ମନ୍ଦିରେ
ଭରିଦିଅ ମାଗୋ ଜ୍ଞାନ ।
ପାପ, ତାପ, କ୍ରୋଧ ହରିନିଅ
ତୁମେ ଦେଇଯାଅ ଦିବ୍ୟଜ୍ଞାନ ।
ପ୍ରତି ହୃଦୟେ ଜଳିଉଠୁ ଶ୍ରଦ୍ଧାର ଦୀପ
ତୁମରି ଆଶୀଷ ଲଭି
ଭକ୍ତିର ପଦ୍ମ ଅର୍ପଣ କରୁ
ସଭିଁଏ ଜଗତ ବାସୀ
କାମ, କ୍ରୋଧ, ଲୋଭ, ଅହଂଭାବ
ସବୁ ବିନାଶ କରିଦେ ମାଆ ।
ବିପଦେ, ଆପଦେ ଅସହାୟ ଆମେ
ହୋଇବୁ ଆମକୁ ସାହା ।
ଅଧର୍ମ ଉପରେ ଧର୍ମର ଜୟ
ବାନା ଉଡୁ ଯୁଗେ ଯୁଗେ
ଶକ୍ତିଦାୟୀ ଜ୍ଞାନ ପ୍ରଦାୟିନୀ ମାଆ
କୃପା ଭିକ୍ଷା କରୁ ସର୍ବେ ।

**ସୀମା ମିଶ୍ର**
ଦାମନଯୋଡ଼ି

# ଫେରିଆସ ଶାନ୍ତିର କପୋତ

ପଥହରା ହୋଇଛି କି
ଅବା କିଏ କରିଅଛି ବନ୍ଦୀ
ଫେରିଆସ ଫେରିଆସ ବାରେ
ଶାନ୍ତିର କପୋତ,
ଚଞ୍ଚୁରେ ସିଞ୍ଚି ସିଞ୍ଚି
ପାବନ ଉଦକ ।
ସ୍ୱାଧୀନତାର ସ୍ୱର୍ଣ୍ଣିମ ସ୍ୱପନ
ଷଡ଼ଯନ୍ତ୍ର ଦାବାନଳେ
ମୁଠିଏ ପାଉଁଶ,
ହଜାଇଛି ସତ୍ୟ ତା ଅସ୍ତିତ୍ୱ
ଅସତ୍ୟର ଧ୍ୱଜା ଦେଖ
ସଦର୍ପରେ ଉଡେ ଫରଫର ।
ଜାତିଆଣ, ସମ୍ପ୍ରଦାୟ ଯୁଦ୍ଧେ
ଅହିଂସା ଯେ ଭୋଗେ କାରାବାସ
ହିଂସାର ହୀରକ ଆସନେ
ଦୁର୍ନୀତିର ହୁଏ ପରା ?
ଭୂଲୁଣ୍ଠିତ ଦେଶର ଅସ୍ମିତା
ବିଭାଜିତ ହୁଏ ବାରବାର
ଶୌର୍ଯ୍ୟ ହୁଏ ଶିଥିଳ, ସ୍ଥବିର
ଫେରିଆସ ଫେରିଆସ, ହେ ଶାନ୍ତି କପୋତ
ପୋଛି ଦେଇ ଜନନୀର ଲୁହ
ଯୋଡିବାକୁ ମୋ ଦେଶର
ଖଣ୍ଡିତ ଭୂଗୋଳ ।
ଅଭାଗିନୀ ଭାଗ୍ୟ ନେଇ
ଦେଶ ମୋର କରଇ ବିଳାପ
ଭ୍ରଷ୍ଟାଚାରର ବାଦଲ ଉହାଡ଼େ
ଭାଗ୍ୟରବି ଆଜି ନିମୀଳିତ
ଶାନ୍ତିର ବାରତା ନେଇ
ପକ୍ଷେ ଭରି ସୌଭାଗ୍ୟ ସମ୍ପଦ
ଫେରିଆସ ଫେରିଆସ ବାରେ
ନିରୁଦ୍ଦିଷ୍ଟ ଶାନ୍ତିର କପୋତ ।

**ମମତା ଆଚାର୍ଯ୍ୟ**
ଦାମନଯୋଡ଼ି

# "ନାହିଁ" ଶକ୍ତି

"ନାହିଁ" ଏକ ଶବ୍ଦ ନୁହଁ,
ନାହିଁ ଏକ ଭାଷା ।
ନାହିଁଟିଏ କରିବାକୁ ଆପଣାର,
ଲୋଡ଼ାହୁଏ ବିବେକ ଭରଷା ॥୧॥

"ନାହିଁ" ଏକ ଶବ୍ଦ ନୁହଁ,
ନୁହଁଇ ସହଜ ଆପଣେଇବାକୁ ।
ଥରେ କିନ୍ତୁ ଆପଣେଇ ନେଲେ,
ସହଜ ହୁଏ ମଜଭୁତ୍ ପାଦ ଥାପିବାକୁ ॥୨॥

"ନାହିଁ" ଏକ ଶବ୍ଦ ନୁହଁ,
କଷ୍ଟ ହୁଏ ନାହିଁ କହିବାକୁ ।
କିନ୍ତୁ କଷ୍ଟକରି ଥରେ ନାହିଁ କହିଦେଲେ,
ଦୁରୁହ ନୁହଁଇ, ବନ୍ଧୁର ପଥ ଚଳିବାକୁ ॥୩॥

"ନାହିଁ" ଏକ ଶବ୍ଦ ନୁହଁ
ନାହିଁ ଏକ ବ୍ୟାଖ୍ୟା ।
ଦରକାର ଅସୀମ ଦମ୍ଭ ।
ପ୍ରକାଶ କରିବାକୁ ଜୀବନୀ ଆଖ୍ୟା ॥୪॥

"ନାହିଁ" ଏକ ଶବ୍ଦ ନୁହଁ,
ପିଲା ଅବା ବୁଢ଼ା ଶୁଣି ଖୁସିହେବେ ।
ଲାଳାୟିତ କେବଳ "ହଁ" ଶୁଣି ।
ଜୀବନର ଚଲାପଥ କୁସୁମିତ କରୁଥିବେ ॥୫॥

"ନାହିଁ" ଏକ ଶବ୍ଦ ନୁହଁ,
ମହତ୍ତ୍ୱ ନିହାତି ଗୁରୁତ୍ୱପୂର୍ଣ୍ଣ ।
ଆଜି ଯାହା କଷ୍ଟ ଲାଗେ,
ଆସନ୍ତା କାଲି ପାଇଁ ତାହା ସ୍ୱୟଂ ସମ୍ପୂର୍ଣ୍ଣ ॥୬॥

"ନାହିଁ" ଏକ ଶବ୍ଦ ନୁହଁ
ଅଟଇ ସେ "ଶକ୍ତି"
ହେଉପଥେ ଦୁର୍ବୋଧ,
ମିଳେ ତହିଁ ସୀମାହୀନ ସାଗରର ପ୍ରଶାନ୍ତି ॥୭॥

**ଶ୍ରୀମତୀ ଅନୀତା ମିଶ୍ର**
ଅନୁଗୋଳ

# ଆଲୋକର ପର୍ବ ଦୀପାବଳି

ଆସିଗଲା ଦୀପାବଳି ଦୀପଟେ ଜଳେଇ ଦିଅ ।
ଦୁନିଆକୁ ଆଲୋକିତ କରିବା ପାଇଁ
ଦୀପଟେ ଜଳେଇ ଦିଅ ।
ନିଜ ମନରୁ ଅହଂକାର, ହିଂସା, ସ୍ୱାର୍ଥର ଅନ୍ଧକାର
ପ୍ରେମର ଆଲୋକେ ଦୂରେଇ ଦିଅ ।
ଦୀପଟେ ଜଳେଇ ଦିଅ ।
ଆଖିର ଲୁହକୁ, ଜୀବନ ଦୁଃଖକୁ
ସେଇ ଦୀପରେ ସମର୍ପି ଦିଅ ।
ଆଜି ଆସିଛି ଦୀପାବଳି
ସେଇ ଆଲୋକରେ ଆଲୋକିତ କର ତୁମ ଜୀବନକୁ
ତୁମ ଶୁଖିଲା ଓଠରେ ହସ ଟିକେ ଭରିଦିଅ ।
ଦୀପଟେ ଜଳେଇ ଦିଅ ।
ମଜାମସ୍ତିର ବାହାନାରେ
ପରିବେଶ କଥା ଭୁଲି ନଯାଅ
ତୁମ ଚଲାପଥ ହେଉ ପୁଷ୍ପିତ
ଜୀବନ ହେଉ ଆଲୋକିତ
ଦୀପଟେ ଜଳେଇ ଦିଅ ।
ଆଜି ଆସିଛି ଦୀପାବଳି
ଦୀପଟେ ଜଳେଇ ଦିଅ ।

**ଶିଖା ନାୟକ**
ଅନୁଗୋଳ



# ମା' ଦୁର୍ଗତିନାଶିନୀ

କାଶତଣ୍ଡୀର ଦୋଳିଖେଳା
ପୁଣି ରଙ୍ଗବେରଙ୍ଗ ଫୁଲର ସୁବାସ
ଶାରଦୀୟ ରୂପର ସମ୍ଭାର ନେଇ ଯେବେ ଆସେ ଆଶ୍ୱିନ
ଚତୁର୍ଦ୍ଦିଗେ ଖେଳିଯାଏ ପାର୍ବଣର ଉଲ୍ଲାସ ।
ମାଟି ପିଣ୍ଡୁଳାରୁ ପ୍ରାରମ୍ଭ ହୁଏ ମାଆଙ୍କ ଗଢ଼ଣ
ଜୀବନ୍ତ କରି ଗଢ଼ିତୋଳେ ମୂର୍ତ୍ତିକାର
ରଙ୍ଗବେରଙ୍ଗ ମାଟିର ପ୍ରଲେପରେ
ଉଦ୍‌ଭାସିତ ହୁଅନ୍ତି ମୃଣ୍ମୟୀ ପ୍ରତିମା ।
ପ୍ରାଣ ସଂଚାର ହୁଏ ଯେବେ ମାଟି ପିଣ୍ଡରେ
ଅବତରି ଆସନ୍ତି ମା ଦୈତ୍ୟ ସଂହାରିଣୀ ରୂପରେ
ମନ୍ତ୍ର ଉଚ୍ଚାରଣରେ କମ୍ପିଉଠେ ଗଗନ ପବନ
ଉଦ୍‌ଜୀବିତ କରାଏ ଆଧ୍ୟାତ୍ମିକତାର ବାତାବରଣ
ଆଭାସ ହୁଏ ଦୈବୀଶକ୍ତିର କମ୍ପନ
ଅନ୍ତରରେ ଜାଗି ଉଠେ ଏକ ଅପୂର୍ବ ଶିହରଣ ।
ବିଭୋର ହୁଏ ମନ
ଦେଖି ମାଆଙ୍କ ଅପରୂପ ଦଶଭୂଜା ରୂପ
ଆଶୀର୍ବାଦ ଭିକ୍ଷାକରେ ମାଆଙ୍କ ଚରଣେ
ପସାରି ଦେଇ ମୋ ପଣତ କାନି
ଆସ ହେ ଦୁର୍ଗତିନାଶିନୀ ଆବିର୍ଭାବ ହୁଅ ଏ ଧରାବୁକୁରେ
ସଂହାର କର ଏ ନରରୂପୀ ରାକ୍ଷସଙ୍କୁ
ଦମନ କର ଏ ରକ୍ତରେ ଖେଳୁଥିବା ମାନବଙ୍କୁ
ଦିଅ ମା ଶକ୍ତି ଓ ଭକ୍ତି
ନିଶ୍ଚିହ୍ନ କରିବାକୁ ଏ ଉନ୍ମତ୍ତ ସତ୍ତାଙ୍କୁ ।
ଆଶୀଷ ଦିଅ ହେ କରୁଣାମୟୀ ।
ଲୋପପାଉ ଏ ଦୁନିଆରୁ ଅହଂ, ଈର୍ଷା, ହିଂସା ଓ ବିଦ୍ୱେଷ
ହେଉ ଏ ସଂସାର ଏକ ସୁନ୍ଦର ଅଭୟ ନିବାସ ।

**ଅନିନ୍ଦିତା ପଣ୍ଡା**
ଅନୁଗୋଳ

# ସ୍ୱଚ୍ଛ ଭାରତ

ସୁନାର ଭାରତ ଗଢ଼ିବାକୁ ହେଲେ
ଆସ ଆସ ମେଳି ହୁଅ ।
ସ୍ୱଚ୍ଛ ଭାରତର ଡାକ ଦେଇସବୁ
ଗାନ୍ଧୀଙ୍କର ସ୍ୱପ୍ନ ସାକାର କରାଅ ।
ସ୍ୱଚ୍ଛତା ଆମର ନିଜ ପରମ୍ପରା
ବିଶ୍ୱାସେ ଆସନ୍ତି ଲକ୍ଷ୍ମୀ
ସ୍ୱଚ୍ଛତାକୁ ଛାଡ଼ି କାହିଁ ଯିବୁ ଭାଇ
ରୋଗ ବୈରାଗ ମାଡ଼ି ।
ସ୍ୱଚ୍ଛତାର ପାଠ ପଢ଼ାଇଛନ୍ତି
ପୂର୍ବପୁରୁଷ ଆମ
ପୁରାଣ ପାଠରେ ଧର୍ମ ଦେହରେ
ଲେଖିଛନ୍ତି ତା ଲକ୍ଷଣ ।
ଗୁରୁବାର ପର୍ବ ସେଥିରୁ ଗୋଟିଏ
ମନେରଖ ସୁଧୀଜନ
ଗୁରୁବାର ନୁହେଁ ସବୁଦିନ ଭାବ
ସ୍ୱଚ୍ଛତାର ଅଭିଯାନ ।
ନିଜ ପରିବେଶ ସଫା ରଖି ନିଜେ
ଶିଖାଅ ସ୍ୱଚ୍ଛତାର ଉପକାର
ନିଜ ଗାଁ ନୁହେଁ, ସାରା ପୃଥିବୀରେ
ବଢ଼ାଅ ଆମ ଦେଶର ସ୍ୱାଭିମାନ ।

**ସଂଘମିତ୍ରା ସାହୁ**
ଅନୁଗୋଳ



# ଆଜି ମାଆ ଆସିଛି

ଆଜି ମାଆ ଆସିଛି
ଦେଖ ଧରା ହସୁଛି
କାଶତଣ୍ଡୀ ନାଚୁଛି
ଧରଣୀ ବୁକୁ ଥରାଇ ଢୋଲ ତୁରୀ ବାଜୁଛି

ଗହଳିଆ ରାସ୍ତାଘାଟ
ଘୋ ଘୋ ବଜାର ବାଟ
ଚଢ଼ା ଦର ପରିବା ହାଟ
ନୂଆ ନୂଆ ସଜବାଜେ କୁନା କୁନି ଉଛାଟ ।

ଦୁଆରେ ଆମ୍ବ ତୋରଣ
ହସ୍ତେ ଦଶ ପ୍ରହରଣ
ପରିଜନଙ୍କ ଗହଣ
ତମସା ଦୂରେଇ ଦେବୁ କରି ଅଗ୍ନି ଉଦ୍‌ଗୀରଣ ।

ମାତୃଜାତି ପାଇଁ ଜାଳି
ହୃଦ କନ୍ଦର ଦୀପାଳି
ମତ୍ତ ଗର୍ବ ଦେଇ ଦଳି
ଧରାଛାଡ଼ି ମା ପୁଣି ଯାଉଅଛି ଚାଲି ।

ମାଆ ତୁମେ ଗଲାପରେ
ତୁମ ସ୍ମୃତି ବୁକୁ ଚିରେ
ଆଗାମୀ ବର୍ଷକୁ ଝୁରେ
ତୋ ଆସିବା ମୂଲ କେହି କିଏ ବୁଝିପାରେ ।

ତଥାପି ତୋ ଆବିର୍ଭାବ
ଧରାରେ ଶେଷ ନ ହେବ
ତୋ ପବିତ୍ର ସୃଷ୍ଟି ଥିବ
ଜଗତରେ ନରାସୁର ବଧ ହୋଇବ ।

**କମଳା ସାହୁ**
ଅନୁଗୋଳ

# ଲୁଚିଯାଇଥିବା ପିଲାଦିନ

ଫେରାଇ ଦିଅନ୍ତ ନି
ମୋର ସେହି
ହସ ହସ ଦିନ
ଯେଉଁଠି ଉଡୁଥିଲା
ରଙ୍ଗ ବେରଙ୍ଗ
ଜାତି ଜାତି ଫୁଲର
ଭିନ୍ନ ଭିନ୍ନ ଫୁଲର
ବାସ୍ନାରେ ଲୁଚଉଥିଲା ମୁହଁ
କୁନି କୁନି ପାଦଚିହ୍ନ
କେଉଁ ଫୁଲକୁ ଗାଲରେ ମାରି
ରଙ୍ଗିନ ଟିପି ମାରୁଥିଲା ମଥାରେ
କୁରୁଳି ଉଠୁଥିଲି ନିଜକୁ ନିଜେ
ପ୍ରଜାପତି ପଛେ ପଛେ ଧାଇଁ ଧାଇଁ
ଧରିବା ଅଭିପ୍ରାୟେ ଥରଥର ପ୍ରତିଥର
ବର୍ଷା ପାଣି ଟପ୍ ଟପ୍ କରି
ଭିଜୁଥିବା ଫ୍ରକ ପିନ୍ଧି
ଖୋଜି ବୁଲୁଥିଲି ନାଲି ଟୁକ୍ ଟୁକ୍
ସାଧବ ବୋହୂ ଆଉ କୁଆ ପଥର
କୁଆପଥର ତରଳିବାରେ
ତରଳୁଥିଲା ସମୟ
କାହିଁ ସେଦିନ
ପାରିବ କି ଦେଇ ମୋତେ
ମୋ ଅଫେରା ଦିନ
ସେ ପିଲାଦିନ....

**ତପସ୍ୱିନୀ ମହାନ୍ତି**
ଅନୁଗୋଳ

# ପୁନଶ୍ଚ ଦୁର୍ଗା

ଜନାକୀର୍ଣ୍ଣ ଆଜି ଉଚ୍ଚନ୍ୟାୟାଳୟର ଚତୁଃପାର୍ଶ୍ୱ ଦୀର୍ଘଦିନର ବିଚାର ପରେ ଶେଷ ଶୁଣାଣୀ ଅଛି ଆଜି ସିପ୍ରାର। ନ୍ୟାୟାଧୀଶଙ୍କର ଶେଷ ନିଷ୍ପତ୍ତି କ'ଣ ହେବ... ତାହା ସମସ୍ତଙ୍କର ଉତ୍କଣ୍ଠାକୁ ବେଳକୁ ବେଳ ଅଧୈର୍ଯ୍ୟ କରିଦେଉଛି... ଯଦି ସିପ୍ରା ସପକ୍ଷରେ ନ୍ୟାୟାଧୀଶଙ୍କର ମତାମତ ରହେ... ତେବେ ମା ଦୁର୍ଗା ସିପ୍ରା ରୂପରେ ଆସି ଘୃଣ୍ୟ ତଥା ପୈଶାଚିକ କାର୍ଯ୍ୟରେ ଲିପ୍ତ ମହିଷାସୁରମାନଙ୍କୁ ନିପାତ କଲେ ବୋଲି କୁହାଯିବ.... ନତୁବା... ?

ଠିକ୍ ଏହି ସମୟରେ ଗତବର୍ଷ ଶାରଦୀୟ ଉତ୍ସବରେ ମୁଖରିତ ସହର... ଚତୁର୍ଦ୍ଦିଗରେ ହସ ଖୁସି ଭାଇଚାରାର ପରିବେଶ... ଦଶହରା ଛୁଟିରେ ବନ୍ଧୁ ପରିଜନ ନିଜ ନିଜ ଜ୍ଞାତିକୁଟୁମ୍ବଙ୍କୁ ଭେଟ କରିବା ପାଇଁ ଆସିଥାଆନ୍ତି। ସହରର ସମସ୍ତ ମୁଖ୍ୟସ୍ଥାନ, ଗଳିକନ୍ଦିରେ ଦେବୀ ଦୁର୍ଗାଙ୍କର ପୂଜାମଣ୍ଡପ... ମା ବର୍ଷକରେ ଥରେ ଏଇ ଧରାପୃଷ୍ଠରେ ବିରାଜମାନ ହୋଇ .... ପାପ ଉପରେ ପୂଣ୍ୟର ଜୟ.... ଅଧର୍ମ ଉପରେ ଧର୍ମର ଜୟ.... ଏହି ବାର୍ତ୍ତା ଦେଇଥାଆନ୍ତି। ପୁଣି ନାରୀଶକ୍ତିର ଯଥାର୍ଥତା ପ୍ରତିପାଦିତ କରିଥାଆନ୍ତି। ସମଗ୍ର ସଂସାର ମାତୃଶକ୍ତିର ମୂର୍ତ୍ତିମନ୍ତ ପ୍ରତୀକ ମା ଦୁର୍ଗାଙ୍କୁ ଦୀର୍ଘଦଶଦିନ ଧରି ପୂଜା-ଉପାସନା ଓ ଆରାଧନା କରି ନିଜର ଭକ୍ତି ଓ କୃତଜ୍ଞତା ଜ୍ଞାପନ କରିଥାଏ... ମନେହୁଏ ମାତୃରୂପୀ ଦଶଭୂଜା ତାଙ୍କର ବିସ୍ତୀର୍ଣ୍ଣ ପଣତକାନିରେ ସମସ୍ତ ସନ୍ତାନଙ୍କୁ ସୁରକ୍ଷା ଦେବାର ଆଶ୍ୱାସନା ଦେଉଛନ୍ତି। ସିପ୍ରା ପାଞ୍ଚବର୍ଷର ଝିଆରି ଲିପୁନ୍‌କୁ ନେଇ ସାଙ୍ଗଙ୍କ ସହ ଦଶହରା ମେଢ଼ ଦେଖିବାକୁ ଆସିଛି.... ସେ ମଧ୍ୟ ମା ଦୁର୍ଗାଙ୍କ ପାଖରେ ନତମସ୍ତକ ହୋଇ ସୁରକ୍ଷିତ ଭବିଷ୍ୟତର କାମନା ପ୍ରାର୍ଥନା କରୁଥିଲା.... "ଯା ଦେବୀ ସର୍ବଭୂତେଷୁ... ମାତୃ... ରୂପେଣ ସଂସ୍ଥିତାଃ... ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସେ ନମୋନମଃ।"

ମା'ଙ୍କର ସନ୍ଧ୍ୟାଆଳତୀ ଅତ୍ୟନ୍ତ ହୃଦୟସ୍ପର୍ଶୀ.... ଘଣ୍ଟଘଣ୍ଟା, ମାଦଳ, ଭେରୀତୁରୀ... ଶଙ୍ଖନାଦରେ ଗଗନ ପବନ ପ୍ରକମ୍ପିତ .... ଅନ୍ତରରେ ଭକ୍ତିର କମ୍ପନ ଜାଗ୍ରତ କରାଇଥାଏ... ଧୂପଦୀପ, ଅଗୁରୁ, ଝୁଣା ଓ କର୍ପୂରର ସମ୍ମିଶ୍ରଣ ଏକ ଭକ୍ତିର ବାତାବରଣ ସୃଷ୍ଟି କରୁଥାଏ.... ପୁଷ୍ପାଞ୍ଜଳି ପର୍ବ ସମାପନ ପରେ ସମସ୍ତ ଭକ୍ତ ମୁଣ୍ଡିଆ ମାରି ପ୍ରସାଦ ଖାଇ ବାହାରିଗଲେ ମେଢ଼ ନିକଟରୁ..... ଜଣକ ପରେ ଜଣେ ବାହାରିଗଲେଣି... ଅଥଚ ଲିପୁନ୍ କାହିଁ..... ମୁହୂର୍ତ୍ତକ ମଧ୍ୟରେ ହଇଚଇ ସୃଷ୍ଟି ହୋଇଗଲା.... ଲିପୁନ୍ ନାହିଁ....ଆରେ ଏଇ ଗହଳି ଭିତରେ ଏଡ଼େ ଟିକି ପିଲାଟା କୁଆଡ଼େ ଗଲା.... ଏଇଠି ତ ପାଖରେ ଥିଲା.... ଆଖପାଖରେ ଥିବା ସମସ୍ତଙ୍କୁ ସିପ୍ରା ଆଉ ତା'ର ସାଙ୍ଗମାନେ ବ୍ୟସ୍ତ ହେଇ ପଚାରିସାରିଲେଣି... କେହି କହିପାରୁନାହାଁନ୍ତି... ପାଞ୍ଚବର୍ଷର ଗୁଲୁଗୁଲିଆ ଝିଅଟିଏ... କଳା କୁଞ୍ଚୁକୁଞ୍ଚିଆ ବାଳ.... କଳା ଭଅଁର ପରି ଚକ୍ ଚକ୍ ଆଖି... ଗୋଲାପି ଡ୍ରେସ୍ ପିନ୍ଧା ନା କେହି ମଧ୍ୟ ଦେଖିନାହାଁନ୍ତି। ପାଖରେ ଥିବା ଡାକବାଜୀ ଯନ୍ତ୍ରରେ ମଧ୍ୟ ଘୋଷଣା କରାଗଲା। କେହି ସହୃଦୟ ବ୍ୟକ୍ତି ପାଇଲେ ଆଣି ପହଞ୍ଚାଇ ଦିଅ... ଅମୁକ ସ୍ଥାନରେ... ରାତି ଅନେକ ହୋଇଗଲାଣି। ଧୀରେ ଧୀରେ ମଣ୍ଡପପାଖ ରାସ୍ତାଘାଟ ଖାଲିହେବାକୁ ଲାଗିଲା.... କିନ୍ତୁ ଲିପୁନ୍.... ଏପର୍ଯ୍ୟନ୍ତ କୌଣସି ଖୋଜ୍ ଖବର ନାହିଁ.... ଖବର ପାଇ ଘରୁ ସମସ୍ତେ ବାହାରିଆସି ଚାରିଆଡ଼ ଖୋଜି ପକେଇଲେଣି... ଲିପୁନ୍‌ର ମମ୍ମି ଲୀନା... ସିଏ ଲିପୁନ୍ ହଜିଯାଇଛି ଶୁଣି ବାରମ୍ବାର ସଂଜ୍ଞାହୀନ ହେଇଯାଉଛି। ରାତି ଶେଷହେଇ କେତେବେଳେ ସକାଳ ହେଇଗଲା କାହାକୁ ମଧ୍ୟ ଜଣାପଡ଼ିଲାନି.... ଘରସାରା ଲୋକ ଖାଇବା ପିଇବା ଭୁଲିଗଲେ.... ଏଡ଼େ ଟିକେ ଛୁଆ କୁଆଡ଼େ ଗଲା... କାହା ସହ ଗଲା.... କେଉଁଠି ଅଛି.... କ'ଣ ଖାଇଥିବ... ରାସ୍ତାରେ ଆଉ ଦୁର୍ଘଟଣା ଘଟିଯାଇନାଇତ.... ବଞ୍ଚିଛି କି ନାହିଁ..... ଦୁନିଆପ୍ରକାରର ନକାରାତ୍ମକ ଆଶଙ୍କା କବଳିତ କରୁଥାଏ ସମଗ୍ର ବାତାବରଣକୁ.... ଖବର ପାଇ ସୁରଭାଇନା (ଲିପୁନ୍‌ର ପାପା) ଆସି ପହଞ୍ଚିଗଲେଣି... ପ୍ରଥମେ ସମସ୍ତଙ୍କ ଉପରେ ତାଙ୍କ ରାଗ ବର୍ଷିଦେଇଗଲେ... ଏତେ ଟିକେ ଛୁଆଟାକୁ କେମିତି ସମ୍ଭାଳି ପାରିଲନି... ସିପ୍ରାକୁ ନିଜ ଉପରେ ଭୀଷଣ ରାଗ ଲାଗୁଥାଏ... ଏମିତି କେମିତି ଦାୟିତ୍ୱହୀନ ସେ ହେଇଗଲା... ଆଖି ବନ୍ଦ୍ କଲେ ତାକୁ ଦେଖାଯାଉଛି ... "ମାଉସୀ ଏ ଫୁଲ ମୁଁ ଲଗେଇବି.... ନା ଠାକୁରଙ୍କୁ ଦେବି... ଚନ୍ଦନ ଟିପା ମୋତେ ଲଗେଇ ଦେ ମାଉସୀ".... ଲୁହ ମାନୁନି... ବୋହି ଆସୁଛି ଅବାରିତ ଭାବେ... ଘରେ ସମସ୍ତଙ୍କର ଅବସ୍ଥା ଏକା ପ୍ରକାରର... ବାପା ଗୁମ୍ ମାରି ବସିଛନ୍ତି...ଦୁଇଦିନ ହୋଇଗଲା... ଆଜି ବିଜୟା ଦଶମୀ.... ଲିପୁନ୍‌ର ଖବର ନାହିଁ... ପୋଲିସ୍‌ରେ ଏଫ୍.ଆଇ.ଆର ଦିଆଗଲା। ଟି.ଭି.ରେ, ନିଉଜ୍ ପେପରରେ ଚାରିଆଡ଼େ ଖବର ଦେଇଦିଆଗଲା। ଲିପୁନ୍‌ର ନିଖୋଜ ହେବା... ଯିଏ ଶୁଣିଲା ସିଏ ଘରେ ଆସି ଜମା ହେଲେ... କିଏ ଆଶ୍ୱାସନା ଦେଉଥାଏ – 'ଲିପୁନ୍ ମିଳିଯିବ ବ୍ୟସ୍ତ ହୁଅନି... ତ କିଏ କିଏ ଖାଇବା ପାଇଁ ଆଣିଦେଉଥାଆନ୍ତି କିଛି ଖାଇ ନିଅ....." କିନ୍ତୁ ଘରେ ବାପା, ମା... କାହାରିକୁ ପାଣି ଠୋପେ ମଧ୍ୟ ଗଳା ଆରପଟେ ନେବାକୁ ଇଚ୍ଛା ନ ଥାଏ। ଘରେ ଥିଲେ ଏବେ ଲିପୁନ୍ ତାକୁ ବସେଇ ଉଠେଇ ଦେଇ ନ ଥାଆନ୍ତା... "ମାଉସୀ ମୋର ଏମିତି ହେୟାରଷ୍ଟାଇଲ୍ କରିଦେବୁ... ସେମିତି ବାର୍‌ବିଡଲ୍ ପରିକା ଡ୍ରେସ ଆଣିଦେବୁ..." ଘରସାରା ଲୋକଙ୍କୁ ବ୍ୟସ୍ତ କରିପକାନ୍ତା....। "ଆମେ କେତେବେଳେ ପୂଜା ଦେଖିଯିବା।" ଘର ଭିତରଟା ଖାଇ ଗୋଡ଼ଉଛି... ଘରେ ଯେମିତି ସମୟଟା ଅଟକିଯାଇଛି.... ନିସ୍ତବ୍ଧତାର ବାତାବରଣ। ସମସ୍ତେ କଥା କହିବା ଭୁଲିଯାଇଛନ୍ତି...

ଘରେ ଆଉ ରହିପାରିଲାନି ସିପ୍ରା.. ବାହାରିଗଲା ରାନୁ ପାଖକୁ... ଅନ୍ତରଂଗ ବାନ୍ଧବୀ....ସେ ମଧ୍ୟ ଏ ଘଟଣାରେ ଦୁଃଖି... ଶେଫାଳୀ ଆଉଜଣେ ସାଂଗ ସେ ମଧ୍ୟ ସେଠାରେ ଥିଲା..... ସିପ୍ରାକୁ ନେଇ ସେମାନେ ବାହାରି ବୁଲିଆସିଲେ.... "ଦୁଃଖ ତ କମିବ ନାହିଁ" ଟିକିଏ ଅଥଚ ଭଲ ଲାଗିବ.... ରାସ୍ତାରେ ବାହାରିଗଲେ... ତାଙ୍କର ଚିରାଚରିତ ସ୍ଥାନ... କଲେଜ୍ ଗ୍ରାଉଣ୍ଡ୍‌କୁ ଘରଠାରୁ ଅଳ୍ପ ଦୂରରେ.... ସେମାନେ ପଢୁଥିବା +୨ କଲେଜ ପଡ଼ିଆର ଗୋଟିଏ ମୁଣ୍ଡରେ ବିରାଟ ଆମ୍ବଗଛ। ତା' ତଳେ ଗୋଟିଏ ସିମେଣ୍ଟର ପିଣ୍ଡି ଏମିତି ବସିବା ପାଇଁ ହିଁ ଉଦ୍ଦିଷ୍ଟ। ଦଶହରା ଛୁଟି ଚାଲିଥିବାହେତୁ ଟିକେ ଶୁନ୍‌ଶାନ୍.... ତିନିସାଙ୍ଗ ଯାଇ ସେଇ ପିଣ୍ଡିରେ ହଠାତ୍ ଜୋର୍‌ରେ କାନ୍ଦିଉଠିଲା ସିପ୍ରା... .... ସମସ୍ତ କୋହକୁ ଚାପି ରଖିଥିଲା.... ନିଜକୁ ଦୋଷୀ ମନେ କରି କରି .... କାହାକୁ କିଛି କହିପାରୁନଥାଏ.... ଦୁଇ ସାଙ୍ଗମଧ୍ୟ ମନଭରି କାନ୍ଦିବାକୁ ଛାଡ଼ିଦେଲେ.... ଏଇ ସମୟରେ ଦଲକାଏ ପବନ ଆସିଲା ଆହା ଅତ୍ୟନ୍ତ ଦୁର୍ଗନ୍ଧମୟ.... ଶେଫାଳୀ କହିଲା ... "ଏହେ... କି ଗନ୍ଧ.... ଏଇଠି ଆଉ ବସିହେବନି... କୁକୁର.....ବିଲେଇ କ'ଣ ବୋଧେ ମରିକି ପଡ଼ିଛି ଚାଲ ପଳେଇବା".... ତିନି ସାଙ୍ଗଉଠି ବାହାରିଗଲେ... ହଠାତ୍ କିନ୍ତୁ ସିପ୍ରାକୁ କ'ଣ ସନ୍ଦେହ ହେଲା... ଗନ୍ଧ କେଉଁ ଦିଗରୁ ଆସୁଛି... ସୁଂଘି ସୁଂଘି ମାଡ଼ିଚାଲିଲା...। ରାନୁ ତାକୁ ପଛରୁ ଡାକୁଥାଏ "ପାଗଳ ହେଲୁ କି ସିପ୍ରା, କୁଆଡ଼େ ଯାଉଛୁ? ଏକରକମର ଦୌଡ଼ୁଥାଏ ସିଏ... କିଛି ଦୂରରେ ଗୋଟିଏ କେନାଲ... ତା ଉପରେ କଲଭର୍ଟ... ସେଇଠି ଅଟକିଗଲା... ସେଇଠୁ ଗନ୍ଧ ତୀବ୍ର ଭାବରେ ବାହାରୁଛି.... ନାକରେ ଓଢ଼ଣୀକୁ ଦେଇ ଦେଖିବାକୁ ଚେଷ୍ଟା କରୁଥିଲା। କିନ୍ତୁ ସେ ଯାହା ଦେଖିଲା... ବିଶ୍ୱାସ କରିପାରିଲାନି... ତା'ର ସନ୍ଦେହ ଆଉ ସନ୍ଦେହ ହୋଇରହିଲାନି... ଚିତ୍କାର କରି ଉଠିଲା। ଗନ୍ଧ ଆସୁଥିବା ଜାଗାରେ ବିଲେଇ କି କୁକୁର ନଥିଲା... ତା'ର ଅତିପ୍ରିୟ ଝିଆରୀ ଲିପୁନ୍ ହିଁ ଥିଲା... ଅତ୍ୟନ୍ତ ବିଭତ୍ସ ଭାବରେ... କେବଳ ତା'ର ଫ୍ରକ୍‌ରୁ ହିଁ ଜାଣିହେଉଥିଲା... ସିଏ ଲିପୁନ୍... ରାନୁ ଆଉ ଶେଫାଳୀ ପହଞ୍ଚି ସାରିଥିଲେ ପାଖରେ... ଅଚେତ୍ ହେଇ ପଡ଼ିଯିବା ଆଗରୁ ରାନୁ ତାକୁ ସମ୍ଭାଳି ନେଇଥିଲା... ଶେଫାଳୀକୁ ସିପ୍ରା ଘରକୁ ଫୋନ୍ କରି ଜଣେଇବା ପାଇଁ କହିଲା... ମୁହୂର୍ତ୍ତକ ଭିତରେ ରୁଣ୍ଡ ହେଇଗଲେ ସମସ୍ତେ। ପୋଲିସ୍‌କୁ ଖବର ଦେଇ ଦିଆଗଲା। ସାଂଗେ ସାଂଗେ ପହଞ୍ଚି ଡେଡ୍ ବଡିକୁ ପୋଷ୍ଟମର୍ଟମ ପାଇଁ ନେଇ ନିଆଗଲା... ତିନିଦିନ ଧରି ଚାଲିଥିବା ଆଶଙ୍କା.... ଭୟ.... ଆଲୋଚନା.... ପର୍ଯ୍ୟାଲୋଚନାର ଏକ ମୋଡ଼ ହିଁ ବଦଳିଗଲା। ଏତେ କୋମଳ... ସରଳ.... ନିଷ୍ପାପ ଶିଶୁଟି ସହ ଦୁଷ୍କର୍ମ ପୁଣି ହତ୍ୟା... ଯେମିତିକି ଜନ୍ଦାଟିଏ ବା ପିମ୍ପୁଡ଼ିଟିଏ କାମୁଡ଼ିଦେଉଥିଲା ଆଉ ତାକୁ ବାହାର କରି ହାତରେ ବା ପାଦରେ ଦଳିଦେବା ଭଳି କଥା..। ତେବେ ଦୋଷୀ କିଏ...? ଆଜି ବିଜୟା ଦଶମୀ... ମହିଷାସୁରକୁ ମାରି ମା ଦୁର୍ଗା ସମସ୍ତ ସଂସାରକୁ ତାଠାରୁ ରକ୍ଷା କରିଥିଲେ.... ସମସ୍ତ ଦୁଃଖ, କଷ୍ଟ, ଅତ୍ୟାଚାରରୁ ମୁକ୍ତ କରାଇଥିଲେ...ଅଥଚ ଲିପୁନ୍ ଭଳି ଛୋଟ ଝିଅଟିର ଆକୁଳ କାନ୍ଦଣା କ'ଣ ମା'ଙ୍କ ପାଖରେ ପହଞ୍ଚିପାରିଲାନି... ?? ବର୍ତ୍ତମାନ ତଦନ୍ତ ଚାଲିବ ଘଟଣାର... କିନ୍ତୁ ଲିପୁନ୍ କ'ଣ ଆଉ କୋଳକୁ ଫେରିବ?? ଛୁଆଟିକୁ ନେଇ କେତେ ସ୍ୱପ୍ନ... କେତେ କଳ୍ପନା.... ସବୁକିଛି ଚୁରମାର୍...। ଏଇଭଳି ଘଟଣା ଯେମିତି ଆଜିକାଲି ସାଧାରଣ ଚୋରି ଡକାୟତି ପରି ହେଲାଣି। ସମସ୍ତ ସୁରକ୍ଷା ଦେବାପାଇଁ.... ଯେତେ ଆଇନ୍‌କାନୁନ୍... ନୀତିନିୟମ ଦଣ୍ଡବିଧାନ କଡ଼ାକଡ଼ି କଲେ ମଧ୍ୟ ତାକୁ ଅଟକାଇ ହେଉନାହିଁ। ସମସ୍ତ ସଂସାରକୁ ଦିନେ ମହିଷାସୁରର ପୈଶାଚିକ ଦୌରାତ୍ମ୍ୟରୁ ରକ୍ଷା କରିବା ପାଇଁ ଦେବତାଗଣ ମାତା ପାର୍ବତୀଙ୍କୁ ଆରାଧନା କରିଥିଲେ... ସମସ୍ତ ଦେବଗଣ ତାଙ୍କର ଅସ୍ତ୍ରଶସ୍ତ୍ର ଦାନ କରି ତାଙ୍କୁ ବଳୀୟାନ କରିଥିଲେ... ସେ ମା ଦୁର୍ଗା ରୂପରେ ଆବିର୍ଭୁତା ହେଲେ... ଚଣ୍ଡ-ମୁଣ୍ଡ, ଶୁମ୍ଭ-ନିଶୁମ୍ଭ ପୁଣି ପରିଶେଷରେ ମହିଷାସୁର ଭଳି ଦୂର୍ଦ୍ଦାନ୍ତ ରାକ୍ଷସକୁ ବଦ୍ଧ କରି ସମସ୍ତ ଭୂଲୋକ, ସ୍ୱର୍ଗ ଲୋକକୁ ଉଦ୍ଧାର କରିଥିଲେ। ମାତୃଶକ୍ତି ସମ୍ମୁଖରେ ସମସ୍ତ କୁ-ଶକ୍ତି ଯେ ତୁଚ୍ଛ ତାହା ପ୍ରତିପାଦିତ କରିଥିଲେ। ଏତେସବୁ ସତ୍ତ୍ୱେ ଆଜି କେମିତି ଶାନ୍ତିହୀନ ହେଇଯାଉଛି... ନାରୀ ପୁଣି ଅବଳା...ଦୁର୍ବଳା ମନେ ହେଉଛି। ମା ଦୁର୍ଗା କଣ ଆଜି କେବଳ ଏକ ମୃଣ୍ମୟୀ ପ୍ରତିମା?? ସବୁବର୍ଷ ଏମିତି ଶାରଦୀୟ ଋତୁରେ ଆବିର୍ଭାବ ହୋଇ ଦଶଦିନ ପୂଜା ପାଇ ବିଦାୟ ନେଇଯାଉଥିବେ?? ତା'ର କ'ଣ କୌଣସି ପ୍ରଭାବ ନାହିଁ?? ଦୁଷ୍କର୍ମ କରୁଥିବା ଲୋକଙ୍କ ପାଇଁ କୌଣସି ପ୍ରତିକାର ନାହିଁ...? କୌଣସି ଦଣ୍ଡବିଧାନ ନାହିଁ? ମା ଦଶଭୂଜା କେବଳ ନୀରବଦ୍ରଷ୍ଟା ଭାବେ ଦଣ୍ଡାୟମାନ... ଏଇଭଳି ପାପୀଙ୍କ ପାଇଁ କ'ଣ ବିଜୟାଦଶମୀ ପାଳନ ହେବ? 'ରାବଣ ପୋଡ଼ି' କ'ଣ କେବଳ ଏକ ପ୍ରହସନ?? ଅନେକ ପ୍ରଶ୍ନ ଖେଳିଗଲା ସିପ୍ରା ମନରେ... କିଏ ଦେବ ତା'ର ଉତ୍ତର...। ସମସ୍ତେ ସେ ସ୍ଥାନରୁ ଚାଲିଗଲେଣି... ସିପ୍ରା କିନ୍ତୁ ସେଠାରୁ ଇଞ୍ଚେ ମଧ୍ୟ ହଲିପାରୁନଥିଲା।... ହଠାତ୍ ଚକ୍ ଚକ୍ ହେଇ କ'ଣ ଗୋଟେ ଦେଖାଗଲା। କଲ୍‌ଭର୍ଟ ତଳକୁ ଯାଇ ଦେଖିଲା ଗୋଟାଏ ମାଉଥ୍‌ଅର୍‌ଗାନ୍... ଓଲଟପାଲଟ କରି ଦେଖିଲା... ଚିହ୍ନା ଚିହ୍ନା ଲାଗୁଛି କିଏ ଧରିଥାଏ ସବୁବେଳେ.... ଆରେ ଏଇଟା ତ ସୁକୁମାର୍‌ର.... ସୁକୁମାର ଦାଶ.... ତା'ରି କ୍ଲାସ୍‌ମେଟ୍ .... ଖୁବ୍ ସୁନ୍ଦର ଭାବରେ ବଜାଇପାରେ... ମୁଣ୍ଡଟା ବୁଲାଇଦେଲା.... ତେବେ କ'ଣ ସୁକୁମାର୍.... ମନେ ପକାଇବାକୁ ଚେଷ୍ଟା କଲା ସିପ୍ରା... ସେଦିନ ସନ୍ଧ୍ୟା ଆଳତୀର ବେଳ କଥା... ହଁ ତ... ସୁକୁମାର ଆଉ ତା'ର ଦି'ଜଣ ସାଂଗ ଥିଲେ ସେଇଠି... ଲିପୁନ୍‌କୁ ଖୋଜିବାବେଳେ ସେମାନେ ଆଉ ନ ଥିଲେ.... ହେ ଭଗବାନ! .... ଚତୁର୍ଦ୍ଦିଗ ଅନ୍ଧାର ଦେଖାଗଲା ସିପ୍ରାକୁ... କାହାକୁ କହିବ। କିଏ ମଧ୍ୟ ବିଶ୍ୱାସ କରିବେ ନାହିଁ। ସୁକୁମାର ଏମିତି ସେମିତି ଘରର ପିଲା ନୁହଁ.... ଅତ୍ୟନ୍ତ ଭଦ୍ର... .ତା'ରବାପା ପୁଣି ପୋଲିସ୍ ଏସ୍.ପି.। ପୋଲିସ୍ ଘରର ପିଲା .... କେବେ କ'ଣ ଖରାପ

ହେଇପାରେ ? ଯଦି ହେଇଥାଏ ତେବେ ତ ଦୋଷୀ କେବେ ମଧ୍ୟ ହେଇପାରିବ ନାହିଁ...। ଅର୍ଥାତ୍ ସିପ୍ରାକୁ ହିଁ ଅନୁସନ୍ଧାନ କରିବାକୁ ହେବ। ପିଲାଟି ଦିନରୁ ସିପ୍ରାର ଏଇ ଡିଟେକ୍ଟିଭ ଗୁଣଟି ପାଇଁ ଘରେ ସମସ୍ତେ ଥଟ୍ଟା ମଧ୍ୟ କରନ୍ତି। ସିପ୍ରା ବଡ଼ ହେଇ ଯାସୁସ୍ ହେବ। ଟି.ଭି. ସିରିଏଲ୍‌ର 'କରମଚାନ୍ଦ୍' ଯାସୁସ୍ ତା'ର ଅତି ପ୍ରିୟ ପ୍ରୋଗ୍ରାମ୍। ତେବେ ପ୍ରକୃତ ଦୋଷୀ କିଏ ବାହାର କରି ମା ଦୁର୍ଗାଙ୍କ ଭଳି ଦଣ୍ଡ ଦେବା ନିହାତି ଜରୁରୀ... ଏଇ କାମ ସିପ୍ରାକୁ ହିଁ କରିବାକୁ ହେବ... ମନେ ମନେ ସ୍ଥିର କରିନେଲା ସେ। ଘରେ ଶୋକର ଛାୟା ଖେଳିଯାଇଥିଲା.... କିନ୍ତୁ କାହାକୁ କିଛି ନ ଜଣାଇ ସିପ୍ରା ନିଜେ ନିଜେ ଖୋଳତାଡ଼୍ ଆରମ୍ଭ କରିଦେଇଥିଲା। ସୁକୁମାରକୁ ସେ ଭଲଭାବରେ ଜାଣେ... କଥାବାର୍ତ୍ତା ମଧ୍ୟ ହୁଏ... କିନ୍ତୁ ଏଇ କିଛିଦିନ ହେବ ସେ ତାକୁ ଦେଖିବା କ୍ଷଣି ଆଭଏଡ୍ କରୁଛି... ଚୋରଙ୍କ ଭଳି ଲୁଚୁଛି...। ତେଣେ ପୋଲିସ୍ ଇନ୍‌ଭେସ୍ଟିଗେସନ୍ ଜାରି ରହିଛି... ସୁକୁମାର୍‌ର ଦୁଇଜଣ ସାଙ୍ଗଙ୍କୁ ସନ୍ଦେହ କରି ପଚରା ଉଚୁରା କରୁଛି... କିନ୍ତୁ ସୁକୁମାର ଏଇ ଘଟଣାର ତଦନ୍ତ ବେଳେ ସହରରୁ ବାହାରକୁ ଚାଲିଗଲା... ଯେଉଁଥିରୁ ସିପ୍ରାର ସନ୍ଦେହ ଆହୁରି ଦୃଢ଼ୀଭୂତ ହେଲା। ଗୋଟାଏ ମାସ ପରେ ସୁକୁମାର ଆସିଲା ତାର ଆଡ୍‌ମିସନ୍ ଅନ୍ୟ ସ୍ଥାନରେ ହେଇଛି, ତେଣୁ ସେ ଚାଲିଯିବ। ଦୁଇଦିନ ପାଇଁ ଆସିଛି ସେ... ରାନୁଠାରୁ ଖବର ପାଇ କୌଣସିମତେ ସୁକୁମାର୍‌କୁ ଦେଖାକରିବାକୁ ଚାହିଁଲା.... ମନେ ମନେ ସ୍ଥିର କଲା ନ୍ୟାୟାଳୟ ନ୍ୟାୟକୁ ଅପେକ୍ଷା କରିବାର ନାହିଁ। ସମୟ ଓ ସ୍ଥାନ ସ୍ଥିର ହେଲା... ସୁକୁମାର ଆଉ ତା'ର ଦୁଇ ସାଙ୍ଗ ଦେଖା କରିବେ ସିପ୍ରା ସହ... ସୁକୁମାରକୁ ଫେରୱେଲ ଦେବେ।

ଗପସପ କରି କରି ସିପ୍ରା ନେଇଗଲା ତିନିଜଣଙ୍କୁ ଟିକେ ଶୁନ୍‌ଶାନ୍ ସ୍ଥାନ ସହର ଶେଷରେ ଥିବା ଦେବୀ ମନ୍ଦିର ଆଡ଼କୁ... ସନ୍ଧ୍ୟାବେଳକୁ ଆଉ ଏତେ ଲୋକଙ୍କର ଚଳପ୍ରଚଳ ନଥାଏ ସେ ସ୍ଥାନରେ.... ଅତର୍କିତ ଭାବରେ ଆକ୍ରମଣ କଲା ସିପ୍ରା ତିନିହେଁଙ୍କୁ.... ପୂର୍ବରୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହେଇଯାଇଥାଏ କରାଟେ ଚମ୍ପିୟାନ୍, ବ୍ଲାକ୍ ବେଲ୍ଟ ହୋଲଡର ସିପ୍ରା... ତୀକ୍ଷ୍ଣଛୁରୀରେ ବାରମ୍ବାର ଆକ୍ରମଣ କରିଚାଲିଲା.... କ'ଣ ହେଲା କିଛି ବୁଝିବା ଆଗରୁ ତିନିଜଣଙ୍କୁ ସେଇଠି ନିଃଶେଷ କରିଦେଲା। ସିପ୍ରାର ବାଘୁଣୀ ଭଳି ଆକ୍ରମଣ... କ୍ରୋଧ ଜର୍ଜରିତ ଚକ୍ଷୁ... ପୁଣି ଶତସିଂହୀର ବଳ... ଯେମିତିକି ସାକ୍ଷାତ ମା ଦୁର୍ଗା ଆବିର୍ଭାବ ହୋଇଛନ୍ତି... ତିନିଜଣ ମିଶି ମଧ୍ୟ ଆୟତ୍ତ କରିପାରି ନଥିଲେ ସିପ୍ରାକୁ... ଶେଷରେ ପ୍ରାଣ ହରାଇଥିଲେ। ସିପ୍ରା ଯେମିତି ହିଂସ୍ର ପାଲଟିଯାଇଛି... ମା ଦୁର୍ଗାଙ୍କର କ୍ରୋଧ ପ୍ରଶମିତ ହେଇ ନପାରି ମା କାଳୀଙ୍କ ରୂପ ଧାରଣ କରିଥିଲେ ଠିକ୍ ସେମିତି ହିଁ ଘଟିଯାଇଥିଲା ସିପ୍ରା ଜୀବନରେ ପୁଣି ଥରେ ଏଇ ଘୃଣ୍ୟ ଦୈତ୍ୟସତ୍ତାର ବିଲୁପ୍ତ ପାଇଁ କେବଳ ମା ଦୁର୍ଗା... କାଳୀଙ୍କର ହିଁ ଆବଶ୍ୟକତା ଅଛି। କୌଣସି ନିୟମ ନୀତି ଓ ପଶୁତୁଲ୍ୟ ମାନବକୁ ଉଚିତ୍ ମାର୍ଗରେ ଯିବାପାଇଁ ପ୍ରେରିତ କରିପାରିବ ନାହିଁ। କିନ୍ତୁ ଆଜିର ଦୁନିଆରେ ବା ଯୁଗରେ ସିପ୍ରାକୁ କେହି ମା ଦୁର୍ଗା କହି ପୂଜା ଆରାଧନା କରିବେ ନାହିଁ। ସେ ସମାଜ ଆଗରେ ଖୁନୀ ଆସାମୀ ଏକା ସାଂଗରେ ତିନିତିନିଜଣଙ୍କୁ ହତ୍ୟା କରିଛି .... ଯଦିଓ ମାତା ଦୁର୍ଗାଙ୍କୁ ଆବାହନ କରାଯାଇଥିଲା ପରାକ୍ରମୀ ମହିଷାସୁରଠାରୁ ତିନିଲୋକକୁ ମୁକ୍ତ କରାଇବା ଲାଗି...।

ସିପ୍ରାର ଦୁଃଖ ନାହିଁ.... ଉଚିତ୍ ଶାସ୍ତି ଦେଇପାରିଛି ଏଇ କାମୁକ ନୀଚ ରୁଗ୍ଣ ମନୋଭାବର ପୁରୁଷଙ୍କୁ। ପ୍ରତିଶୋଧ ନେଇପାରିଛି ତା'ର କୋମଳ ନିଷ୍ପାପ ଝିଆରୀ ଲିପୁନ୍‌ର। ତା'ର କୌଣସି ଅପେକ୍ଷା ନାହିଁ ନ୍ୟାୟାଳୟର ନିଷ୍ପତ୍ତିକୁ। ସେ ତା' ସପକ୍ଷରେ ହେଉ ବା ବିପକ୍ଷରେ ହେଉ। ସର୍ବଦା ମା ଦୁର୍ଗାଙ୍କୁ ଆରାଧନା କରୁଥିବା ସିପ୍ରା... ଦେବୀପୂଜାର ମୂଳତତ୍ତ୍ୱକୁ ଅନୁସରଣ କରୁଥିବା ସିପ୍ରା... ଆଜି ନିଜେ ପାଲଟିଗଲା ଦେବୀ ଦୁର୍ଗା .... ଖଡ୍‌ଗ ହସ୍ତା ହୋଇ ସଂହାର କରିଛି ପାପୀଙ୍କୁ... ପୁଣି ଥରେ ଆସିଛି ଦଶହରା... ଦେବୀ ଆବିର୍ଭୂତା ହୋଇଛନ୍ତି.... ଅଦାଲତର ଶେଷ ଶୁଣାଣୀ ପାଇଁ ଯାଇଛି ସିପ୍ରା.. ମା ଦୁର୍ଗା ଯାଉଛନ୍ତି ବିଜୟା ଦଶମୀ ପରେ ଭସାଣୀ ଯାତ୍ରାରେ.... ଯେମିତି ମା ହାତଠାରି ଡାକୁଛନ୍ତି.... "ଫେରିଆ ମୋ କୋଳକୁ... ମହିଷାସୁରମାନଙ୍କୁ ତୁ ଉଚିତ୍ ଶାସ୍ତି ଦେଇଛୁ...। ଅପେକ୍ଷାରତ ଜନତାଙ୍କର ମଧ୍ୟ ସମସ୍ତ କଳ୍ପନାଜଳ୍ପନାର ଅନ୍ତ ହେଲା...। ନ୍ୟାୟର ଦେବୀ ଅନ୍ଧପୁଟୁଳୀ ବାନ୍ଧି ପ୍ରତ୍ୟେକ ନ୍ୟାୟାଦେଶ ଦେବାପାଇଁ ଯେମିତି ବାଧ୍ୟ କରି ଦେଇଛନ୍ତି ନ୍ୟାୟାଧୀଶଙ୍କୁ...। ଉପଯୁକ୍ତ ପ୍ରମାଣ ଅଭାବରୁ ସିପ୍ରାକୁ ନିର୍ଦ୍ଦୋଶ ଭାବରେ ମୁକ୍ତି ଦେବା ପାଇଁ ଆଦେଶ ଦେଲେ ସର୍ବୋଚ୍ଚ ନ୍ୟାୟାଳୟ।

**ଗାୟତ୍ରୀ ପାଣିଗ୍ରାହୀ**
ଦାମନଯୋଡ଼ି

# Interview in Sanginee

The National Aluminium Company limited (Nalco) launched a scheme for girl children, **'Nalco ki Ladli'** to mark the 69th Independence Day. CMD, Dr. Tapan Kumar Chand announced introduction of the scheme under the 'Beti Bachao, Beti Padhao' programme initiated by Union Government. The objective is to promote meritorious girl students from BPL families studying in the periphery schools of Company's production units at Angul and Damanjodi in Odisha.



Sanginee talked to Baisali, one of the beneficiaries under the scheme.

**Name:** Baisali Rani Turuk

**Parents' Name:** Smt. Mamata Turuk & Sri Sukanta Turuk

**Class :** 2nd year +2 (Science)

**Address :** At-Badanareka, PO-Goudaguda, PS-Kakirguma

**School :** Saraswati Vidya Mandir, Damanjodi & Kakirguma High School

**Sanginee : What do you prefer- Sports or Studies?**

**Baisali :** Both, I like to play some sports like Kabaddi during my free time. Otherwise I devote most of my time to studies.

**Sanginee : What are your aspirations regarding studies?**

**Baisali :** Now I am in the 2nd year of +2 Science in SVM School, Damanjodi. I would like to sit for NEET entrance to get admission into MBBS.

**Sanginee : What are the hardships faced by you while pursuing your studies?**

**Baisali :** I am from a financially deprived family. My father works as a contract labourer in NALCO Mines. He is not able to bear the cost of essential books and pay for tuitions required for NEET entrance examination.

**Sanginee : What is your aim in life?**

**Baisali :** I aspire to be a Doctor. I would like to pursue PG course in Medicine to become a Medicine Specialist.

**Sanginee : What advices would you like to give to your friends?**

**Baisali :** Many of my female friends have dropped out of school due to various reasons such as poor financial condition of parents, early marriage etc., I want to urge their parents to support their daughters for higher studies which will result in employability and consequent improvement in financial condition. The Government is also giving help. In addition, NALCO's Ladli scheme is helping in this. My advice is to follow the textbooks which are available in school for the preparation of examinations.

**Sanginee : What type of issues do you face in your home/society/school as a girl?**

**Baisali :** In our society, education for girls is not given due importance but my parents have always supported me to do well in studies. Lack of toilet facilities, quality water sources are a few reasons also why girl students are discouraged from going to school.

**Sanginee : What are the facilities you receive as NALCO KI LADLI?**

**Baisali :** I have been the recipient of this scholarship for 3 consecutive years. I receive ₹ 6000/- cash prize annually which has helped me to get better tuitions and to purchase study stationaries.

**Sanginee : What more facilities do you think NALCO KI LADLI scheme should provide?**

**Baisali :** First of all more number of girl students should be covered under the scheme. NALCO is the heart and soul of this locality. They should adopt hundreds of girls under this scheme so that education of girls can become a revolution in this interior part of the state. Secondly, tuition fees, admission fees and hostel charges etc. should be borne in deserving cases so that underprivileged girls can aspire to go for higher studies.





Chef's Khazana

# राजस्थानी लजीज गट्टे

गट्टे के लिये सामग्री : एक कटोरी बेसन, १/४ चम्मच जीरा, १/४ चम्मच लालमिर्च पाउडर, १ टेबलस्पून रिफाईंन तेल, नमक स्वादानुसार।

ग्रेवी के लिये सामग्री : २ प्याज (मध्यम आकार), १ टमाटर, २ हरी मिर्च, १ इंच अदरक, २ कली लहसुन, २ चम्मच धनिया पाउडर, १ छोटे चम्मच जीरा, २ चम्मच गाढ़ा फेंटा हुआ दही, २ तेज पत्ते, हींग (चुटकीभर), तेल।

गट्टे बनाने की विधि: गट्टे बनाने के लिये सभी सामग्रियों को अच्छी तरह मिलाकर पानी से सख्त आटे की तरह गूँथ लें। सबकी कुछ लोईयाँ बनाकर चकले पर तेल लगाकर लम्बी-लम्बी बातियाँ (गट्टे) बना लें। अब इन बातियों को चक्कू से छोटे-छोटे टुकड़ों (१/२ इंच) में काट लें। काटे हुए गट्टों को उबलते, हुये पानी में १०-१५ मिनट यानि नरम होने तक पकायें। इस तरह आपके गट्टे तैयार हो जाएँगे।

ग्रेवी बनाने की विधि : एक प्याज को छोटे-छोटे टुकड़ों में काटलें। फिर कढ़ाई में तेल गर्म कर जीरा, हींग, तेज पत्र का छौंक दे कर इसके कटे प्याज को डालकर सुनहरा होने तक भून लें। फिर इसमें पिसी हुई ग्रेवी डालकर तब तक भूनें जब तक वह तेल न छोड़ दे। अब स्वादानुसार नमक, लालमिर्च पाउडर, दही डालकर १-२ मिनट तक भूनें। अंत में उबले हुये गट्टे डालकर अच्छी तरह मिलाकर धीमी आँच पर ७-८ मिनट तक पकायें। राजस्थानी लजीज गट्टे तैयार। इसको किसी बर्तन में निकाल कर धनिये पत्ते से चाहें तो जरा सी फ्रेश क्रीम से सजाकर गरम-गरम परोसें।

**संगीता अग्रवाला**
अनगुल

# Understanding of Dhanteras and Financial Lessions from Diwali

**Dhanteras:**

On Dhanteras,Lakshmi- the Goddess of wealth - is worshiped to provide prosperity and well being. It is also the day for celebrating wealth, as the word 'Dhan' literally means wealth and 'Tera' comes from the date 13th.We hindus also worships Lord Kuber as the treasurer of wealth and bestower of riches, along with Goddess Lakshmi on Dhanteras. This custom of worshiping Lakshmi and Kuber together is in the prospect of doubling the benefits of such prayers.People flock to the jewelers and buy gold or silver jewelry or utensils to venerate the occasion of Dhanteras.

The Legend behind the Dhanteras and Naraka Chaturdashi:

An ancient legend ascribes the occasion to an interesting story about the 16-year-old son of King Hima. His horoscope predicted his death by snake-bite on the fourth day of his marriage. On that particular day, his newly-wed wife did not allow him to sleep. She laid out all her ornaments and lots of gold and silver coins in a heap at the entrance of the sleeping chamber and lit lamps all over the place. Then she narrated stories and sang songs to keep her husband from falling asleep.

The next day, when Yama, the god of Death, arrived at the prince's doorstep in the guise of a Serpent, his eyes were dazzled and blinded by the brilliance of the lamps and the jewelry. Yam could not enter the Prince's chamber, so he climbed on top of the heap of gold coins and sat there the entire night listening to the stories and songs. In the morning, he silently went away.

Thus, the young prince was saved from the clutches of death by the cleverness of his new bride, and the day came to be celebrated as Dhanteras. And the following days came to be called Naraka Chaturdashi ('Naraka' means hell and Chaturdashi means 14th). It is also known as 'Yamadeepdaan' as the ladies of the house light earthen lamps or 'deep' and these are kept burning throughout the night glorifying Yama, the god of Death. Since this is the night before Diwali, it is also called 'Chhhoti Diwali' or Diwali minor.

**Financial Lesions from Diwali:**

**1. Safety First**

All of us enjoy fireworks and we also take all the needed measures to keep ourselves and our families safe. The same planning has to be implemented with respect to one 's financial health.

Also, when we burst crackers we take utmost care and children always burst them under adult 's supervision. Likewise, one also has to take the advice of a financial advisor before making any investment in schemes. There are a number of schemes that look attractive but they turn out to be a disaster in the long run. The same also applies to trading as well. Never follow anyone when they ask you to invest in a particular stock. Do your own research before investing in any stock. This is similar to how we trust ourselves when it comes to choosing and burning firecrackers.

**2. Advanced Planning**

People plan for the festival of Diwali well in advance. Everyone plans for the kind of gifts they need to give their family and friends, the sweets to make, the kinds of crackers to burn, shopping for clothing, house renovations and so on. Similarly, one needs to plan and invest early to reap better benefits. By early investments, one can also generate good returns with compounding. So, we not only need to plan early for Diwali but we also need to plan for our investments.

One also needs to be extra cautious when investing and it is important to have a very detailed financial plan, planned well in advance before making a safe and lucrative investment.

**3. Have a Goal when Investing**

Gifts for family and friends during Diwali are bought as per their taste, age and preferences. Likewise one has to have different goals of Financial Planning at various stages of life. One needs to have a goal when investing and these help you sail through some difficult situations without disturbing your regular cash flow.

**4. Get Rewarded with Variety**

We all choose various varieties of crackers for Diwali and similarly one also needs to properly diversify the investments in one 's portfolio. By this, investors will reap the benefits that are offered by different financial institutions. A well-balanced portfolio will provide you joy and benefit at the same time.

Also, crackers are classified into hazardous and non-hazardous categories and we give the less risky ones to the kids. Likewise when investing, we need to choose the schemes that are less risky or more risky by considering various other factors.

**5. Prepare for Emergency**

Whenever there are a lot of firecrackers to be burnt, fire extinguishers are kept handy to avoid any accidents that might occur. When planning any investment, one also needs to have a back-up by choosing the right insurance policy as it helps to deal with any uncertainties that might come up. Being prepared with an insurance cover will be of help when unplanned losses occur.

**6. When Kids enjoy the crackers parents gets happiness**

When Kids burns the crackers after handholding, Parents enjoys a lot on their happiness. Likewise we need to handhold our kids on initial investment decisions and get this executed so that kids can create big wealth in their future and enjoy their life in better way in our absent too.

The festival of Diwali teaches us all many money management lessons. Apart from those mentioned above, this festival also has a lot to teach us when it comes to financial planning. So, this is the time to plan your finances well and to have a sparklingly safe and financially planned Diwali.

**Trinath Lenka,** Managing Director
Wallet4wealth, Bhubaneswar

Nalco Mahila Samiti, Bhubaneswar has been rendering social services in and around Bhubaneswar. Similarly, Nalco Ladies Clubs at Damanjodi and Angul are also actively contributing their services in and around the plants and townships. It has been the endeavor of these bodies to reach out to the people of all age groups of all sections of our society. Here is a glimpse of activities and achievements of NMS.

## At Bhubaneswar




Towards positive social change - Swachhata Drive




The environment is in a whirl of fury of wronged action... participants of ‘SKIT’ find a solution out



“Sawan Ke Sath Aao Jhume”




Nache Gaaye Mouj Manaye”



I am SHE ... but we can bring a sea change the world will see



Meeting and parting are the ways of life... but love is eternal



Au Revoir – Mrs. Manasi Samal




Donation of clothes & washing machine for
the mentally retarded inmates of 'ASHRA'



Good Teacher + Good Students = Good Nation




Release of **Sanginee** by Ms Archana Mukim

## At Damanjodi



Bandhu Milan of HAL Sunabeda Ladies Club &
Nalco Ladies Club Damanjodi




Warm Welcome to the First Lady of Nalco,
Smt. Preeti Roy Chand



Social work at Podagada Primary School at Koraput



Distribution of handwash kits in the hand of
Mrs. Preeti Roy Chand at Chaugan to girl students



Get Together with the First Lady of Nalco,
Smt. Preeti Roy Chand



Social work at home for dying destitute and
Shishu Bhawan of Koraput.



Sawan Celebration

## At Angul






Farewell to Mrs Manasi Samal



Study assistance to Class-XII girls of SVM



Sawan Celebration



Plantation Programme



Celebration of Janmastami






Blood Donation Camp



Celebration of Navaratri




Child safety awareness programme at Banarpal Shevashram School



Readers are requested to send their suggestions and feedback to **nmssangini@gmail.com**.
Write ups in clear handwriting or soft copy should reach the Coordinator before 30th November 2018. **- Editor**


नालको की लाडली
EDUCATE & EMPOWER
नालको NALCO
AN INDUSTRIAL TEMPLE
ଗ୍ରାମାଞ୍ଚଳରେ ଦୈନିକ ସ୍ୱାସ୍ଥ୍ୟ ସେବା
ନାଲ୍‌କୋ : ଓଡ଼ିଶାର ସ୍ୱାଭିମାନର ପ୍ରତୀକ
CIN : L27203OR1981GOI000920
A lot of things make ODISHA proud
NALCO is one of them